# NATIONAL NEWS BULLETIN (ODIA)
## 13th September - 2025
## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢ଼ୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ମଣିପୁରରେ ଶାନ୍ତି ପ୍ରତିଷ୍ଠା ସହ ପ୍ରଗତି ଓ କଲ୍ୟାଣ ମାର୍ଗ ଆପଣେଇବାକୁ ଯୁବପିଢ଼ିକୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ ।
- ବିକଶିତ ଭାରତ ଯୁବ ନେତୃତ୍ୱ ଆଲୋଚନାର ଦ୍ୱିତୀୟ ସଂସ୍କରଣ ଆୟୋଜନ ନେଇ ଘୋଷଣା କଲେ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ।
- ସଂସଦ ଓ ବିଧାନସଭାରେ ସାର୍ବଜନୀନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନେଇ ଅର୍ଥପୂର୍ଣ୍ଣ ଆଲୋଚନା ଅନୁଷ୍ଠିତ ହୁଏ ବୋଲି କହିଲେ ଲୋକସଭା ବାଚସ୍ପତି ।
- ଅମୃତ ସରୋବର ମିଶନ ଅଧୀନରେ ଦେଶରେ ନିର୍ମାଣ କରାଯାଇଛି ୬୮ ହଜାରରୁ ଅଧିକ ପୁଷ୍କରିଣୀ ।

ଏବଂ

- ମହିଳା ହକି ଏସୀୟ କପ୍-୨୦୨୫ ପ୍ରତିଯୋଗିତାରେ ଅମୀମାଂସିତ ଭାବେ ଶେଷ ହେଲା ଭାରତ ଓ ଜାପାନ ମୁକାବିଲା ।

## ପି.ଏମ୍. - ମଣିପୁର ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିନିକିଆ ଗସ୍ତରେ ଯାଇ ଆଜି ମଣିପୁରରେ ପହଞ୍ଚିଛନ୍ତି । ଚୁରାଚାନ୍ଦପୁର ଜିଲ୍ଲାର ଶାନ୍ତି ପଡ଼ିଆଠାରେ ଏକ ଜନସମାବେଶକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ରାଜ୍ୟରେ ଶାନ୍ତି ପ୍ରତିଷ୍ଠା ଏବଂ ପ୍ରଗତି ଓ କଲ୍ୟାଣର ମାର୍ଗ ଗ୍ରହଣ କରିବାକୁ ଯୁବପିଢ଼ିକୁ ଆହ୍ୱାନ ଦେଇଛନ୍ତି । ଏ ସମ୍ପର୍କରେ ଏକ ରିପୋର୍ଟ :

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ୭ ହଜାର ୩୦୦ କୋଟି ଟଙ୍କାର ୧୪ଟି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବା ଅବସରରେ କହିଛନ୍ତି, ମଣିପୁର ହେଉଛି ଆଶା ଓ ବିକାଶର ଭୂମି । ଜାତିଗତ ହିଂସା ଏହାକୁ କବଳିତ କରିଛି । ତେବେ ଦେଶରେ ଶାନ୍ତି ବିନା ବିକାଶ ସମ୍ଭବ ନୁହେଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଚୁରାଚାନ୍ଦପୁର ଜିଲ୍ଲାରେ ଥିବା ରିଲିଫ୍ ଶିବିରଗୁଡ଼ିକରେ ଆଶ୍ରୟ ନେଇଥିବା ବିସ୍ଥାପିତଙ୍କୁ ଭେଟିଥିବା ନେଇ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିବା ସହ ମଣିପୁରବାସୀ ଶାନ୍ତିର ମାର୍ଗକୁ ଗ୍ରହଣ କରିଛନ୍ତି ବୋଲି କହିଛନ୍ତି ।

***Voice (PM - Peace) :..........***

ପ୍ରଧାନମନ୍ତ୍ରୀ କହିଛନ୍ତି, ହିଂସାରେ ପ୍ରଭାବିତ ଲୋକଙ୍କପାଇଁ ୭ ହଜାର ନୂତନ ଆବାସ ନିର୍ମାଣ ପାଇଁ କେନ୍ଦ୍ର ସରକାର ପାଣ୍ଠି ମଞ୍ଜୁର କରିଛନ୍ତି । ଏକ ସ୍ୱତନ୍ତ୍ର ପ୍ୟାକେଜ୍ ଭାବରେ ଏଥିପାଇଁ ୩ ହଜାର କୋଟି ଟଙ୍କା ବଜେଟ୍‌ରେ ଅନୁମୋଦନ କରାଯାଇଛି । ୨୦୨୪ ମସିହା ପରଠାରୁ ମଣିପୁରରେ ଉତ୍ତମ ସଡ଼କ ସଂଯୋଗୀକରଣ ଉପରେ କେନ୍ଦ୍ର ସରକାର ଧ୍ୟାନ ଦେଇଆସୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ରାଜ୍ୟରେ ନୂତନ ରାଜପଥର ବିକାଶ ଚାଲିଛି ଏବଂ ଏଥିପାଇଁ ୮ ହଜାର ୬ ଶହ କୋଟି ଟଙ୍କାର ବଜେଟ୍ ବରାଦ କରାଯାଇଛି ।

***Voice (PM - Saat Hazar) :..........***

ଶିଳାନ୍ୟାସ କରିଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ ସଡ଼କ ଯୋଗାଯୋଗ, ସ୍ୱାସ୍ଥ୍ୟସେବା, ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକର ସୁଦୃଢ଼ୀକରଣ, କର୍ମଜୀବୀ ମହିଳା ହଷ୍ଟେଲ୍, ବହୁମୁଖୀ ଇଣ୍ଡୋର୍ ଷ୍ଟାଡିୟମ୍, ବିଦ୍ୟୁତ୍ କ୍ଷେତ୍ର ପ୍ରକଳ୍ପ ଆଦି ଅନ୍ତର୍ଭୁକ୍ତ ।

**ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସତ୍ୟରଞ୍ଜନ ମହାପାତ୍ର ।**

# ଏଚ୍.ଏମ୍ - ଏ.ଏନ୍.ଟି.ଏଫ୍. କନ୍‌ଫରେନ୍ସ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆସନ୍ତା ମଙ୍ଗଳବାର ଦିନ ନୂଆଦିଲ୍ଲୀରେ ନିଶାଦ୍ରବ୍ୟ ବିରୋଧୀ ଟାସ୍କଫୋର୍ସ ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ବିଭାଗୀୟ ମୁଖ୍ୟଙ୍କ ଏହି ଦ୍ୱିତୀୟ ସମ୍ମିଳନୀ ଅବସରରେ ମନ୍ତ୍ରୀ ଶ୍ରୀ ଶାହା ନାର୍‌କୋଟିକ୍‌ସ କଣ୍ଟ୍ରୋଲ୍ ବ୍ୟୁରୋ - ଏନ୍.ସି.ବି.ର ବାର୍ଷିକ ରିପୋର୍ଟ-୨୦୨୪ ଉନ୍ମୋଚନ କରିବେ । ଏଥିରେ ୩୬ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ବିଭାଗୀୟ ମୁଖ୍ୟ ଅଂଶଗ୍ରହଣ କରିବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିଶାମୁକ୍ତ ଭାରତ ନେଇ ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ଏବଂ ଏହି ଲକ୍ଷ୍ୟ ହାସଲ କରିବା ଦିଗରେ ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରିବାପାଇଁ ଏହି ସମ୍ମିଳନୀ ଏକ ମଞ୍ଚ ପ୍ରଦାନ କରିବ । ଏନ୍.ସି.ବି. ଦ୍ୱାରା ଆୟୋଜିତ ହେବାକୁ ଥିବା ଏହି ସମ୍ମିଳନୀର ବିଷୟବସ୍ତୁ ରହିଛି "ମିଳିତ ସମ୍ପର୍କ : ସହଭାଗୀ ଦାୟିତ୍ୱ" । ନିଶାଦ୍ରବ୍ୟ ଆହ୍ୱାନର ମୁକାବିଲାପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକର ସମୀକ୍ଷା କରାଯିବା ସହ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ଏହି ସମ୍ମିଳନୀରେ ମତ ବିନିମୟ ହେବାର ଆଶା କରାଯାଉଛି ।

## ନାଭି ଚିଫ୍ - କାର୍ ର୍ୟାଲି

ଭାରତୀୟ ନୌସେନା କାର୍ ର୍ୟାଲିକୁ ନୂଆଦିଲ୍ଲୀରେ ଆଜି ନୌସେନା ମୁଖ୍ୟ ଦିନେଶ୍ କେ. ତ୍ରିପାଠୀ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ନୌବାହିନୀ ଏବଂ ଦେଶର ନାଗରିକଙ୍କ ମଧ୍ୟରେ ସମ୍ପର୍କ ବୃଦ୍ଧି ଲକ୍ଷ୍ୟ ନେଇ ଏହି ର୍ୟାଲିର ଆୟୋଜନ କରାଯାଇଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ, ନୌସେନା କର୍ମଚାରୀ ଏବଂ ନୌସେନା କଲ୍ୟାଣ ଓ ଆରୋଗ୍ୟ ସଂଘର ସଦସ୍ୟଙ୍କ ସମେତ ୩୪ ଜଣ ଏହି ର୍ୟାଲିରେ ସାମିଲ୍ ହୋଇଛନ୍ତି । ଆଗ୍ରା, ଲକ୍ଷ୍ନୌ, ବାରାଣାସୀ ଏବଂ କାନପୁର ସହରକୁ ସଂଯୋଗକରି ଏହି ର୍ୟାଲି ୮ ଦିନ ମଧ୍ୟରେ ୧ ହଜାର ୭ ଶହ କିଲୋମିଟର ପରିକ୍ରମା କରିବାର କାର୍ଯ୍ୟସୂଚୀ ରହିଛି ।

## ମାଣ୍ଡବୀୟ - ୟୁଥ୍ ଡାଏଲଗ୍

ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବୀୟ କହିଛନ୍ତି, ବିକଶିତ ଭାରତ ଯୁବ ନେତୃତ୍ୱ ଆଲୋଚନା, ଯୁବ ନେତୃତ୍ୱାଧୀନ ଗଣତନ୍ତ୍ରର ଏକ ପ୍ରକୃଷ୍ଟ ଉଦାହରଣ । ନୂଆଦିଲ୍ଲୀରେ ଆଜି ବିକଶିତ ଭାରତ ଯୁବ ନେତୃତ୍ୱ ଆଲୋଚନା-୨୦୨୬ ସମ୍ପର୍କିତ କାର୍ଯ୍ୟକ୍ରମ ଉପରେ ଗଣମାଧ୍ୟମକୁ ସମ୍ବୋଧନ

କରି ମନ୍ତ୍ରୀ ଡକ୍ଟର ମାଣ୍ଡବୀୟ ଏହା କହିଛନ୍ତି । ଏହି ସମ୍ମିଳନୀ ଯୁବ ନେତୃତ୍ୱଙ୍କ ଚିନ୍ତାଧାରାକୁ ସ୍ୱରରେ ଏବଂ ସ୍ୱରକୁ ପ୍ରଭାବିତ ଢଙ୍ଗରେ ଉପସ୍ଥାପନ କରିବାକୁ ଏକ ମଞ୍ଚ ପ୍ରଦାନ କରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟରେ ଯୁବ ନେତୃତ୍ୱ ସେମାନଙ୍କର ଚିତନ୍ତାଧାରାକୁ ଉପସ୍ଥାପନ କରିବାର ସୁଯୋଗ ପାଇବେ । ଆସନ୍ତା ଜାନୁୟାରୀ ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଏହି ସମ୍ମିଳନୀର ଦ୍ୱିତୀୟ ସଂସ୍କରଣ ଆୟୋଜନ ନେଇ ଡକ୍ଟର ମାଣ୍ଡବୀୟ ସୂଚନା ପ୍ରଦାନ କରିଛନ୍ତି । ଆତ୍ମନିର୍ଭର ଭାରତ ଅଭିଯାନକୁ ସୁଦୃଢ଼ କରିବା ସହ ନବସୃଜନ କ୍ଷେତ୍ରକୁ ଏହା ଅଧିକ ଗତିଶୀଳ କରିବ ବୋଲି ଡକ୍ଟର ମାଣ୍ଡବୀୟ ଆଶାପୋଷଣ କରିଛନ୍ତି । ଏହି ଉପଲକ୍ଷେ ଆୟୋଜିତ ହେବାକୁ ଥିବା କୁଇଜ୍ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିବାକୁ ଡକ୍ଟର ମାଣ୍ଡବୀୟ ଯୁବବର୍ଗଙ୍କୁ ଅନୁରୋଧ କରିଛନ୍ତି ।

***Voice (Mandaviya)*** :............

## କର୍ଣ୍ଣାଟକ - ଏଲ୍.ଏସ୍. ଓମ୍ ବିର୍ଲା

ସଂସଦ ଓ ବିଧାନସଭାଗୁଡ଼ିକରେ ସାର୍ବଜନୀନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଅର୍ଥପୂର୍ଣ୍ଣ ଆଲୋଚନା ଅନୁଷ୍ଠିତ ହୁଏ ବୋଲି ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି । ବେଙ୍ଗାଲୁରୁରେ ଆଜି ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘର

ଏକାଦଶ ଭାରତ କ୍ଷେତ୍ର ସମ୍ମିଳନୀର ଶେଷ ଅଧିବେଶନକୁ ସମ୍ବୋଧନ କରି ଶ୍ରୀ ବିର୍ଲା ଏହା କହିଛନ୍ତି । ସେ କହିଛନ୍ତି, ସାମାଜିକ ଏବଂ ଜାତୀୟ ହିତପାଇଁ ସଂସଦ ତଥା ବିଧାନସଭାରେ ମତ ବିନିମୟ ହେବା ସହ ନିଷ୍ପତ୍ତି ଗ୍ରହଣ କରାଯାଏ । ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ସର୍ବୋତ୍ତମ ଅଭ୍ୟାସ ଏବଂ ପ୍ରକ୍ରିୟାଗୁଡ଼ିକ ଉପରେ ମତ ବିନିମୟ କରିବାପାଇଁ ଏହି ଦୁଇଦିନିଆ ସମ୍ମିଳନୀ ଏକ ମଞ୍ଚ ପ୍ରଦାନ କରିଛି ବୋଲି ଶ୍ରୀ ବିର୍ଲା କହିଛନ୍ତି । ବିଧାନସଭା ଏବଂ ସଂସଦରେ ସ୍ୱଚ୍ଛତା ବୃଦ୍ଧି ଉପରେ ଆଲୋକପାତ କରି ଶ୍ରୀ ବିର୍ଲା କହିଛନ୍ତି, ଏଥିପାଇଁ ସଦସ୍ୟଙ୍କୁ ଉତ୍ତରଦାୟୀ କରାଯିବା ଉଚିତ । ଗୃହରେ ଗ୍ରହଣ କରାଯାଉଥିବା ନିଷ୍ପତ୍ତିଗୁଡ଼ିକ ସମ୍ପର୍କରେ ଲୋକଙ୍କ ପାଖରେ ସୂଚନା ପହଞ୍ଚିବା ଆବଶ୍ୟକ ବୋଲି ଶ୍ରୀ ବିର୍ଲା ଗୁରୁତ୍ୱ ପ୍ରଦାନ କରିଛନ୍ତି । ଗୃହର ସଦସ୍ୟ ନିଜ ବିତର୍କର ମାନକୁ ଉନ୍ନତ କରିବାପାଇଁ ସଂସଦର ପାଠାଗାର, ଗବେଷଣା ଏବଂ ସନ୍ଦର୍ଭ ୟୁନିଟ୍‌ଗୁଡ଼ିକୁ ଉନ୍ନତ କରାଯିବା ଉପରେ ଶ୍ରୀ ବିର୍ଲା ଗୁରୁତ୍ୱ ଦେଇଛନ୍ତି ।

## ଜି.ଏସ୍.ଟି. - ଷ୍ଟେସନାରୀ ଆଇଟମ୍‌ସ

ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାର ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲାଲ୍‌କିଲ୍ଲାରୁ ଘୋଷଣା କରିବା ପରେ ଜିଏସ୍‌ଟି ପରିଷଦ ଅନେକ ଗୁଡ଼ିଏ

ସେବା ଓ ସାମଗ୍ରୀ ଉପରେ ଟିକସ ହାର ହ୍ରାସ କରିଛି । ଚଳିତମାସ ୩ ତାରିଖରେ ଅନୁଷ୍ଠିତ ଜିଏସ୍‌ଟି ପରିଷଦ ବୈଠକରେ ୪ ପର୍ଯ୍ୟାୟ ବିଶିଷ୍ଟ ଜିଏସଟି ଢାଞ୍ଚାକୁ ପରିବର୍ତ୍ତନ କରାଯାଇ ଦୁଇଟି ମଧ୍ୟରେ ସୀମିତ ରଖାଯାଇଛି । ଅନେକଗୁଡ଼ିଏ ଦୈନନ୍ଦିନ ବ୍ୟବହାର ହେଉଥିବା ସାମଗ୍ରୀ ଉପରେ ଜିଏସଟି ହାର ସଂପୂର୍ଣ୍ଣ ଉଚ୍ଛେଦ କରାଯାଇଛି । ଏହି ପରିବର୍ତ୍ତନ ଯୋଗୁଁ ସାଧାରଣ ଲୋକଙ୍କ ଜୀବନ ଧାରଣ ସହଜ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି ।

ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାର ଛାତ୍ରଛାତ୍ରୀଙ୍କ ଶିକ୍ଷା ଗ୍ରହଣ ପରିବେଶକୁ ଅଧିକ ସହଜ କରିପାରିଛି । ନୋଟ୍ ବହି, ଗ୍ରାଫ୍ ବହି, ରବର, ପେନ୍‌ସିଲ୍, କ୍ରେୟନ୍‌ସ, ସାର୍ପନର୍, ମାନଚିତ୍ର, ଗ୍ଲୋବ୍ ଆଦି ସାମଗ୍ରୀଗୁଡ଼ିକ ଉପରେ ଶୁଳ୍କ ଛାଡ଼ କରାଯାଇଛି । ଜ୍ୟାମିତି ବାକ୍ସ, ରଙ୍ଗବାକ୍ସ ଆଦି ସାମଗ୍ରୀଗୁଡ଼ିକ ଉପରେ ୧୨ ପ୍ରତିଶତ ଟିକସ ହାରକୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ଏହି ସଂସ୍କାର ଶିକ୍ଷାକ୍ଷେତ୍ରକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି । ଆସନ୍ତା ୨୨ ତାରିଖରୁ ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାର ନିଷ୍ପତ୍ତି କାର୍ଯ୍ୟକାରୀ କରାଯିବ ।

# ଅମୃତ ସରୋବର ମିଶନ୍

ଅମୃତ ସରୋବର ମିଶନ ଅଧୀନରେ ଦେଶରେ ୬୮ ହଜାରରୁ ଅଧିକ ପୁଷ୍କରିଣୀ ପ୍ରସ୍ତୁତ କରାଯାଇଛି ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ପ୍ରତ୍ୟେକ ଜିଲ୍ଲାରେ ୭୫ଟି ଅମୃତ ସରୋବର ନିର୍ମାଣ କିମ୍ବା ପୁନରୁଦ୍ଧାର କରିବା ଲକ୍ଷ୍ୟ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୨୦୨୨ ଏପ୍ରିଲ୍ ମାସରେ ଏହି ମିଶନର ଶୁଭାରମ୍ଭ କରିଥିଲେ । ନୂଆଦିଲ୍ଲୀରେ ଅମୃତ ସରୋବର ମିଶନ ଆଧାରିତ ଏକ ଜାତୀୟ କର୍ମଶାଳା ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଇତିମଧ୍ୟରେ ଆୟୋଜିତ ହୋଇଯାଇଛି । ଭିତ୍ତିଭୂମି ସୁଦୃଢ଼ କରିବା ସହିତ ଅମୃତ ସରୋବରକୁ ନିରନ୍ତର ତଥା ଗୋଷ୍ଠୀଭିତ୍ତିକ ପେଣ୍ଠସ୍ଥଳୀରେ ପରିଣତ କରିବା ଲକ୍ଷ୍ୟ ନେଇ ଏହି କର୍ମଶାଳାର ଆୟୋଜନ କରାଯାଇଥିଲା । ଏଥିରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ବିଭାଗୀୟ ପ୍ରମୁଖ ଅଧିକାରୀ ଯୋଗଦେଇ ମତ ବିନିମୟ କରିଥିଲେ । ମିଶନର ପରବର୍ତ୍ତୀ କାର୍ଯ୍ୟସୂଚୀ ନେଇ ମଧ୍ୟ କର୍ମଶାଳାରେ ଆଲୋଚନା ହୋଇଥିବା ଜଣାପଡ଼ିଛି ।

# ୱିମେନ୍ସ ହକି ଏସିଆ

ମହିଳା ହକି ଏସୀୟ କପ୍-୨୦୨୫ ପ୍ରତିଯୋଗିତାର ଭାରତ ଓ ଜାପାନ ମଧ୍ୟରେ ଅନୁଷ୍ଠିତ ସୁପର୍ ଫୋର୍ ପର୍ଯ୍ୟାୟ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଛି । ଉଭୟ ଦଳ ପରସ୍ପରକୁ ଗୋଟିଏ ଲେଖାଏଁ ଗୋଲ୍ ଦେଇଛନ୍ତି । ତେବେ ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଭବିଷ୍ୟତ ମୁକାବିଲା ଚୀନ ଏବଂ ଦକ୍ଷିଣ କୋରିଆ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ସୁପର ଫୋର୍ ପର୍ଯ୍ୟାୟ ମ୍ୟାଚ୍ର ଫଳାଫଳ ଉପରେ ନିର୍ଭର କରିବ । ଦକ୍ଷିଣ କୋରିଆ ଉନ୍ନତ ଗୋଲ୍ ବ୍ୟବଧାନରେ ଚୀନ ବିରୋଧରେ ବିଜୟୀ ହେଲେ ଭାରତ ତୃତୀୟ ସ୍ଥାନପାଇଁ ପ୍ଲେ-ଅଫ୍ ମ୍ୟାଚ୍ ଖେଳିବ ।

*****